# କୋରାପୁଟରେ ବର୍ଷା ବିଭ୍ରାଟ

## କୋଷାଗୁମୁଡ଼ା ରାସ୍ତା ବିଚ୍ଛିନ୍ନ


ରାସ୍ତା ଉପରେ ପାଣି ପ୍ରବାହିତ ହେଉଛି ।


ଘୁମର ସ୍କୁଲ ପାଣି ଘେରରେ ରହିଛି ।

କୋଟପାଡ଼,୨୯।୮(ଡି.ଏନ୍.ଏ.)

■କୋଟପାଡ଼ରେ ସର୍ବାଧିକ ବର୍ଷା
■ଘୁମର ରାସ୍ତାରେ ୧ ଫୁଟ ଉଚ୍ଚରେ ପାଣି
୩ ଦିନ ହେଲା ଘୁମର ସ୍କୁଲ ପାଣିଘେରରେ

କୋରାପୁଟ ଜିଲା କୋଟପାଡ଼ ଅଞ୍ଚଳରେ ୪ ଦିନ ହେଲା ଲଗାଣ ବର୍ଷା ଜାରି ରହିଛି । ଫଳରେ ଇନ୍ଦ୍ରାବତୀ ନଦୀ ଜଳ ଫୁଲି ଉଠିଛି । ଏଥିସହ ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ସମସ୍ତ ପୋଖରି, ସାଗରରେ ବର୍ଷା ପାଣି ଭର୍ତ୍ତି ହୋଇଛି । ଗତ ରବିବାର କୋଟପାଡ଼ ଅଞ୍ଚଳରେ ୧୯୩ ମିଲି ବର୍ଷା ସର୍ବାଧିକ ହୋଇଥିବା ରେକର୍ଡ଼ କରାଯାଇଛି । ସାମବାର ଦିନ ତମାମ ବର୍ଷା ଲାଗି ରହିଛି । ଆଉ ଦିନେ ଦୁଇଦିନ ଏଭଳି ବର୍ଷା ଲାଗି ରହେ । ତେବେ ଇନ୍ଦ୍ରାବତୀ କୂଳରେ ବସବାସ କରୁଥିବା ଗ୍ରାମଗୁଡିକରେ ନଦୀ ଜଳ ପଶିବାର ସମ୍ଭାବନା ରହିଛି । ସୋମବାର ସକାଳ ସୁଦ୍ଧା କୋଟପାଡ଼ ଭାୟା ବଣିଆ ଦେଇ କୋଷାଗୁମୁଡ଼ା ବ୍ଲକକୁ ସଂଯୋଗ କରୁଥିବା ରାସ୍ତାରେ ଦମୟନ୍ତି ସାଗର ଜଳ ପ୍ରବାହିତ ହୋଇଛି । ଫଳରେ ଚିଙ୍ଗିଡି ସରେଇ ନିକଟରେ ରାସ୍ତା ବିଚ୍ଛିନ୍ନ ହୋଇଯାଇଛି । ସେହିପରି କୋଟପାଡ଼ ଭାୟା କୁସୁମି ଜୟପୁର ରାସ୍ତା କୋଟପାଡ଼ଠାରୁ ୩ କି.ମି. ଦୂର ଘୁମର ପୁର୍ତ୍ତବିଭାଗ ରାସ୍ତା ଉପରେ ୧ ଫୁଟ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି । ୩ ଦିନ ହେଲା ଘୁମର ସରକାରୀ ନୂତନ ଉଚ୍ଚ ବିଦ୍ୟାଳୟ ପାଣିଘେରରେ ରହିଥିବାରୁ ସ୍କୁଲ ବନ୍ଦ ରହିଛି । ଫଳରେ ପିଲାଙ୍କ ପାଠପଢ଼ା ଠପ୍ ହୋଇଯାଇଛି । ଘୁମର ନିକଟସ୍ଥ ମାତା ମନ୍ଦିର ନିକଟରେ ପ୍ଲଟିଂ ସକାସେ ଚାଷ ଜମି ଏବଂ ଡଙ୍ଗରରେ ମାଟି ପକାଇ ସମତଳ କରାଯାଇ ଥିବାରୁ କେନାଲ ପାଣି ଓ ବର୍ଷା ଜଳ ରାସ୍ତା ଉପରେ ଚାଲିଛି । ଫଳରେ ପୂର୍ତ୍ତବିଭାଗ ରାସ୍ତା ଧୋଇ ଯିବାର ସମ୍ଭାବନା ଦେଖାଦେଇଛି । ସେପଟେ ଇନ୍ଦ୍ରାବତୀ ନଦୀ ଜଳ କୂଳ ଖାଇ ଥିବା ବେଳେ ଆସନା, ବଣିଆ, ଖପରିଗୁଡା, ବଣିଆଁ, ଆସନା ବାସୁଲି ଅଞ୍ଚଳରେ ନଦୀ ଜଳ ପଶିବାର ସମ୍ଭାବନା ଦେଖାଦେଇଛି । ଜାତୀୟ ରାଜପଥ ୬୩ ନଂ ଛତିଶଗଡକୁ ନୂତନ ରାସ୍ତା ନିର୍ମାଣ ହେବା ସହ ସୁଲି ନିକଟରେ ନୂତନ ବ୍ରିଜ କାମ ଚାଲୁ ରହିଛି । ପାଣି ଠିକ୍ ଭାବେ ନିଷ୍କାସନ ହୋଇପାରୁ ନ ଥିବାରୁ ମୋରମ ମାଟି ରାସ୍ତା ଧୋଇ ହୋଇଯାଇଛି । ବହୁ ଗାଡ଼ି ରାସ୍ତାରେ ଅଟକି ରହିଛି । ଫଳରେ ଲୋକେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ସେହିପରି ବାସୁଲି ଗୁମୁଡ଼ା ପଞ୍ଚାୟତକୁ ସଂଯୋଗ କରୁଥିବା ଇନ୍ଦ୍ରାବତୀ ନଦୀ କୂଳ ରାସ୍ତା କଡ଼ରେ ଗାଡ଼ୱାଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ତାହା ଭୁଶୁଡ଼ି ପଡ଼ିଛି । ବର୍ତ୍ତମାନ ପର୍ଯ୍ୟନ୍ତ ଏହା ଶେଷ ହୋଇ ନ ଥିବାରୁ ନଦୀକୂଳ ଲଙ୍ଘିବାର ସମ୍ଭାବନା ରହିଛି । ଏଠାରେ ବନ୍ୟା ଆଶଙ୍କା ଥିବାରୁ ପ୍ରଶାସନ ସଜାଗ ରହିଥିବା ଜଣାଯାଇଛି ।

## ଉପୁଡ଼ିଲା ୧୦ରୁ ଊର୍ଦ୍ଧ୍ୱ ଶାଳ ଗଛ

କୋରାପୁଟ, ୨୯।୭(ସ୍ୱ.ପ୍ର)

■ରାମଗିରି- ଗୁପ୍ତେଶ୍ୱର ରାସ୍ତା ୨ ଘଣ୍ଟା ବନ୍ଦ
■ରାସ୍ତାରେ ଫସିଲେ ବହୁ ବୋଲବମ ଭକ୍ତ

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି । ସୋମବାର ବୈପାରୀଗୁଡା ବ୍ଲକ ଅଞ୍ଚଳରେ ୧୭୫ ମିଲିମିଟର ବର୍ଷା ହୋଇଛି । ଫଳରେ ରାମଗିରି ବନ ରେଞ୍ଜ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ଶାଳ ଗଛ ଉପୁଡିଯାଇଛି । ଗୋଟିଏ ବିରାଟ ଶାଳ ଗଛ ଗୁପ୍ତେଶ୍ୱର ରାସ୍ତା ଉପରେ ପଡିଯାଇଥିବାରୁ ଅପରାହ୍ଣ ୧୨ଟା ୩୦ରୁ ୨ଟା ଯାଏ ରାମଗିରି ଓ ଗୁପ୍ତେଶ୍ୱର ମଧ୍ୟରେ ଗାଡି ଚଳାଚଳ ବନ୍ଦ ହୋଇ ଯାଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତା ଓ ବୋଲବମ ଭକ୍ତମାନେ ଗଛ କାଟି ରାସ୍ତା ସଫା କରିଥିଲେ । ସେହିପରି ଗୁପ୍ତେଶ୍ୱର ରାସ୍ତାର ଗଣେଶ ମନ୍ଦିର, ଡୋକରି ଘାଟି ନିକଟରେ ବହୁ ଗଛ ଉପୁଡିଯାଇଛି। ଲଗାଣ ବର୍ଷା ସାଙ୍ଗକୁ ମୃତ୍ତିକା କ୍ଷୟ ଯୋଗୁ ଏପରି ଗଛଗୁଡିକ ଉପୁଡିଯାଉଥିବା ଦେଖାଯାଇଛି । ଫଳରେ ରାସ୍ତାରେ ବହୁ ବୋଲବମ ଭକ୍ତ ଫସି ଯାଇଥିଲେ ।


ଗଛ ଉପୁଡ଼ି ରାସ୍ତା ଅବରୋଧ ହୋଇଛି ।

■ ବିପଦସଙ୍କୁଳ ଶ୍ରେଣୀଗୃହରେ ପାଣି

## ୨ଟି ବିଦ୍ୟାଳୟ ଛାତ୍ରୀଛାତ୍ର ହେଲେ ସ୍ଥାନାନ୍ତର

ଜୟପୁର,୨୯।୭(ଡି.ଏନ.ଏ )

ପ୍ରବଳ ବର୍ଷା ଯୋଗୁ କୋରାପୁଟ ଜିଲା ଜୟପୁର ପୌରସଂସ୍ଥା ଅଞ୍ଚଳରେ ରହିଥିବା କୁନ୍ଦାରିଗୁଡା ଏବଂ ଗୌଡସାହି ଦୁଇଟି ପ୍ରାଥମିକ ବିଦ୍ୟାଳୟ ଛାତରୁ ପାଣି ଗଳୁଛି । ଉକ୍ତ ଦୁଇଟି ବିଦ୍ୟାଳୟକୁ ବିପଦ ସଙ୍କୁଳ ଭାବେ ଚିହ୍ନଟ କରାଯାଇଛି । ତେଣୁ ସୋମବାର ଉକ୍ତ ଦୁଇଟି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ଅନ୍ୟ ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତରିତ କରାଯାଇଛି । କୁନ୍ଦାରିଗୁଡା ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଏବଂ ୫ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ହରିଜନ ସାହି ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ସେହିପରି ଗୋଟିଏ କକ୍ଷରେ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ବସାଇବାର ବ୍ୟବସ୍ଥା କରାଯାଇଥିଲା । ସେହିପରି ବିଦ୍ୟାଳୟର ୩ଟି କକ୍ଷରେ ଛାତରୁ ପାଣି ଗଳୁଥିବା ଯୋଗୁଁ ଏଠାରେ ପାଠପଢିବା ସମ୍ଭବ ହେଉନାହିଁ । ସେହିପରି ଦୀର୍ଘଦିନ ଗୌଡସାହି ଉଚ୍ଚ ବିଦ୍ୟାଳୟ ବିପଦସଙ୍କୁଳରେ ରହିଛି । ଏହି ବିଦ୍ୟାଳୟର ସମସ୍ତ କକ୍ଷରୁ ପାଣି ଗଳୁଛି । ବିଦ୍ୟାଳୟରେ ତାଲା ଦେଇ ଏହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ମୁଖ୍ୟରାସ୍ତାରେ ଥିବା ବାଳିକା ପ୍ରାଥମିକ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି । ଏ ନେଇ ଏବିଇଓ ହରିଶ୍ଚନ୍ଦ୍ର ରାଓଙ୍କୁ ପଚାରିବାରୁ, ଏହି ଦୁଇଟି ବିଦ୍ୟାଳୟକୁ ପୂର୍ବରୁ ବିପଦସଙ୍କୁଳ ଘୋଷଣା କରାଯାଇଛି । ତେଣୁ ବର୍ଷା ଯୋଗୁଁ ଛାତ୍ରୀଛାତ୍ରଙ୍କୁ ସ୍ଥାନାନ୍ତର କରାଯାଇଛି ।

## ୭ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

କୋରାପୁଟ,୨୯।୭(ସ୍ୱ.ପ୍ର)

କୋରାପୁଟ ଜିଲାରେ ବର୍ତ୍ତମାନ ପ୍ରବଳ ବର୍ଷା ଲାଗିରହିଛି। ସୋମବାର ସହରର ମେଡିକାଲ କଲେଜ ରାସ୍ତାରେ ଥିବା ୭ଟି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡ଼ିଛି । ଫଳରେ ବିଦ୍ୟୁତ୍ ସରବରାହ ବ୍ୟାଘାତ ହେବା ସହ ରାସ୍ତା ଅବରୋଧ ହୋଇଥିଲା । ଖବରପାଇ କୋରାପୁଟ ମ୍ୟୁନିସିପାଲିଟି ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକ, ସାଉଥକୋ ଏସଡିଓ ହିମାଂଶୁ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ମାର୍ଥା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ରାସ୍ତା ଉପରେ ପଡିଥିବା ବିଦ୍ୟୁତ ଖୁଣ୍ଟଗୁଡିକୁ ହଟାଇଥିଲେ । ପରେ ରାସ୍ତା ଅବରୋଧ ହଟିଥିଲା ।

## ପୁଣି ମାଛକୁଣ୍ଡ ଡ୍ୟାମର ୩ ଗେଟ ଖୋଲିଲା

କୋରାପୁଟ/ଅନକାଡେଲି, ୨୯।୭(ସ୍ୱ.ପ୍ର)

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଲାଗି ରହିଛି । ସୋମବାର ଭୋର ସାଢେ ୫ଟାରେ ମାଛକୁଣ୍ଡ ପ୍ରକଳ୍ପ ଡି ଡ୍ୟାମର ୩ ଗେଟ ଖୋଲାଯାଇଛି । ଅପରାହ୍ନରେ ସେଥିରୁ ୨ ଗେଟକୁ ବନ୍ଦ କରାଯାଇଛି। ବର୍ତ୍ତମାନ କେବଳ ଗୋଟିଏ ଗେଟ ଅର୍ଥାତ ମାଛକୁଣ୍ଡ ପ୍ରକଳ୍ପର ଡି ଡ୍ୟାମର ୭ ନମ୍ବର ଗେଟର ୧ ଫୁଟ ଖୋଲାଯାଇଛି। ସୋମବାର ସକାଳୁ ମାଛକୁଣ୍ଡ ପ୍ରକଳ୍ପର ଡି ଡ୍ୟାମର ୬ ନମ୍ବର ଗେଟର ୧ ଫୁଟ, ୭ ନମ୍ବର ଗେଟର ୨ ଫୁଟ, ୮ ନମ୍ବର ଗେଟର ୧ ଫୁଟ ଖୋଲାଯାଇଥିଲା। ଏଥିରେ ୮ ହଜାର କ୍ୟୁସେକ ଜଳ ନିଷ୍କାସିତ କରାଯାଇଥିଲା । ଅପରାହ୍ନ ୫ଟା ପରେ ୬ ଓ ୮ ନମ୍ବର ଗେଟ ବନ୍ଦ କରାଯାଇଛି । ଡି ଡ୍ୟାମର କ୍ଷମତା ୯୦ ଫୁଟ ହୋଇଥିବାବେଳେ ବର୍ତ୍ତମାନ ୮୮.୦ ଫୁଟ ରହିଥିବା ଜଣାଯାଇଛି ।

## କୋରାପୁଟ ଜିଲାରେ ୧୭୧୮.୬ ମି.ମି. ବର୍ଷା

କୋରାପୁଟ/ଜୟପୁର, ୨୯।୭(ସ୍ୱ.ପ୍ର/ନି.ପ୍ର)

**ଭାଙ୍ଗିଲା ୫୦ରୁ ଊର୍ଦ୍ଧ୍ୱ ଘର**

କୋରାପୁଟ ଜିଲାରେ ତିନିଦିନ ଧରି ଲଗାଣ ବର୍ଷା ଲାଗି ରହଛି । ଏହି ବର୍ଷାରେ ଏବେ ଜିଲାର ବିଭିନ୍ନ ସ୍ଥାନରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ସୂଚନା ମିଳିଛି । କୋରାପୁଟ ଜିଲାରେ ସୋମବାର ୧୭୧୮.୬ ମିଲିମିଟର ବର୍ଷା ହୋଇଛି। କୋଟପାଡ ବ୍ଲକରେ ସର୍ବାଧିକ ୧୯୩ ମିମି ବର୍ଷା ହୋଇଥିବା ଜିଲା ଜରୁରୀ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି । ସେହିପରି ଜିଲାର ବୈପାରୀଗୁଡା ବ୍ଲକରେ ୧୭୫ ମିମି ବର୍ଷା ହୋଇଥିବାବେଳେ କୁନ୍ଦ୍ରା ବ୍ଲକରେ ୧୨୮.୬ ମିମି ବର୍ଷା ହୋଇଛି। ଲମତାପୁଟ ବ୍ଲକରେ ୧୧୪.୪ ମିମି, ନନ୍ଦପୁରରେ ୬୯.୬ ମିମି, ପଟ୍ଟାଙ୍ଗିରେ ୭୦.୨ ମିମି, କୋରାପୁଟରେ ୧୨୮ ମିମି, ସେମିଳିଗୁଡାରେ ୧୨୮.୪ ମିମି, ବନ୍ଧୁଗାଁରେ ୧୨୫ ମିମି, ନାରାୟଣପାଟଣାରେ ୫୧.୨ ମିମି, ଲକ୍ଷ୍ମୀପୁରରେ ୭୨ ମିମି ବର୍ଷା ହୋଇଛି।। ସେହିପରି ଜୟପୁର ବ୍ଲକରେ ୧୪୯.୬ ମିମି, ବୋରିଗୁମ୍ମାରେ ୧୨୦.୬ ମିମି ଓ ଦଶମନ୍ତପୁର ବ୍ଲକରେ ୧୭୩ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଥିବା ଜଣାଯାଇଛି। ଜୟପୁରର ଭୋଇସାହିରେ ୨ , ଉମୁରୀରେ ୧, ଧନପୁରରେ ୨, ଗଡପଦରରେ ୧, ବାଲିଆରେ ୩ଟି ଘର ଭାଙ୍ଗିଥିବା ଜୟପୁର ତହସିଲ କାର୍ଯ୍ୟାଳୟ ତରଫରୁ ଜଣାଯାଇଛି । ସେହିପରି ବୈପାରୀଗୁଡାର ଦୋରାଗୁଡାରେ ୧୨ ଘର ଭାଙ୍ଗିଥିବା ବେଳେ ସେମିଳିଗୁଡାର ନକୁଳଗୁଡା ପଞ୍ଚାୟତରେ ୩ ଟି ଘରି ଭାଙ୍ଗିଛି । ଏଥିସହ ୧୫ ଜଣ ଗ୍ରାମବାସୀଙ୍କୁ ପଞ୍ଚାୟତ ଅଫିସ୍‌କୁ ଅଣାଯାଇଥିବା ଜଣାଯାଇଛି । ଜିଲା ପ୍ରଶାସନ ଏହାକୁ ଗୁରତ୍ୱଦେଇ ଗରିବ ଲୋକଙ୍କୁ କ୍ଷତିପୁରଣ ଦେବାସହ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ବିଭିନ୍ନ ମହଲରେ ଏବେ ଦାବି ଉଠିଛି । ବୋରିଗୁମ୍ମା ବ୍ଲକର ପୁରୁଣା ବୋରିଗୁମ୍ମା ଠାରେ ନୁତନ ପୋଲ ନିର୍ମାଣ କାଯ୍ୟ ଚାଲୁ ରହିଥିବାରୁ ଏକ ଅସ୍ଥାୟୀ ପୋଲ ନିର୍ମାଣ କରାଯାଇଥିଲା । କିନ୍ତୁ ଲଗାଣ ବର୍ଷା ଯୋଗୁଁ ଅସ୍ଥାୟୀ ପୋଲ ଉପରେ ୪ରୁ ୫ ଫୁଟ ଉପରେ ଜଳ ନିଷ୍କାସନ ହୋଉଥିବାରୁ ୧୫ଟି ପଞ୍ଚାୟତକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଛି ।

## ବର୍ଷା ସାହିତ୍ୟ ସଂସଦର କବିତା ଆସର

ଦାମନଯୋଡ଼ି,୨୯।୭(ଡ଼ି.ଏନ.ଏ)

ଦାମନଯୋଡ଼ିସ୍ଥିତ ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବର୍ଷା ସାହିତ୍ୟ ସଂସଦ ପକ୍ଷରୁ ରବିବାର ଏକ ବର୍ଷାକାଳୀନ କବିତା ଆସର ଅନୁଷ୍ଠିତ ହୋଇଯାଇଛି । ସେକ୍ଟର ୩ ମନ୍ଦିର ପରିସରରେ ଆୟୋଜିତ ଏହି ଆସରରେ ନାଲକୋ ସୁରକ୍ଷା ବିଭାଗ ପ୍ରବନ୍ଧକ ଡ଼. ପ୍ରଦୀପ କୁମାର ପାଢୀଯୋଶୀ ଅଧ୍ୟକ୍ଷତା କରିଥିଲେ । ଏଥିରେ କବୟିତ୍ରୀକବି ବର୍ଷା ଋତୁର ପ୍ରାକୃତିକ ଶୋଭା ଓ ଦାମନଯୋଡ଼ିରେ ବର୍ଷାର ଅନୁଭୂତି ଆଦିକୁ ନେଇ ସ୍ୱରଚିତ କବିତା ପାଠ କରିଥିଲେ । ଏହି ଅବସରରେ ସଂସଦର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ସର୍ବସମ୍ମତିକ୍ରମେ ନାଲକୋ ଏଜିଏମ ଶଶାଙ୍କଶେଖର ସାହୁ ସଭାପତି, ବିଜୟ କୁମାର ଜେନା ଓ ସ୍ୱାତୀ ଚାଟାର୍ଜୀ ଉପସଭାପତି, ଶ୍ରୀଧର ପରିଡ଼ା ସମ୍ପାଦକ, ଶ୍ରୀକାନ୍ତ ସାହୁ ସହ ସମ୍ପାଦକ, କୁଳମଣି ଦାସଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅଶୋକ କୁମାର ମହାନ୍ତି, ତ୍ରୈଲୋକ୍ୟନାଥ ସାହୁ, ଭାରତୀ ସାହୁ, ରମାମଣି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ସୁଶାନ୍ତ କୁମାର ଦାସ ଧନ୍ୟବାଦ ଦେଇଥିଲେ ।

## ୩ ବର୍ଷରେ ଥରେ ପୂଜା ପାଆନ୍ତି ପାତ୍ରବୁଢ଼ା

ଦଶମନ୍ତପୁର,୨୯।୭(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଚିକାମ୍ବ ପଞ୍ଚାୟତ ବନାସିଲ ଗ୍ରାମର ପାଦଦେଶରେ ଅବସ୍ଥିତ ପାତ୍ର (ଘୁଷୁରି) ମାଳି ପର୍ବତ । ଏଠାରେ ପୂଜା ପାଆନ୍ତି କେ.ପାତ୍ରବୁଢ଼ା ଦେବତା। ପାତ୍ରବୁଢ଼ାଙ୍କର ଜମିବାଡି ଜରାଷଣ୍ଢ ଥିବା ଗୁମ୍ଫା ଭିତରେ ରହିଛି । ସେଠାରେ ପୋଖରୀ, ନଦୀ, ବିରାଟ ଉଇହୁଙ୍କା ଏବଂ ଜମିବାଡି ମଧ୍ୟ ରହିଛି । ସେଠାକୁ ଯିବାକୁ ହେଲେ ବସି କରି ଯିବା ତ ଦୂରର କଥା, ଶୋଇକି ଯିବା ମଧ ଅସମ୍ଭବ ବୋଲି ମାଙ୍କଡ଼ମୁଣ୍ଡିର ପୂଜକ ଗୁପ୍ତ ଜାନି ପ୍ରକାଶ କରିଛନ୍ତି । ଗୁମ୍ଫା ଭିତରେ ଥିବା ଜରାଷଣ୍ଢଙ୍କ ପାଖକୁ ଆଜିଯାଏ କେହି ଯାଇ ନାହାନ୍ତି ।

ପାତ୍ର ବୁଢ଼ା ଠାକୁର ଜଣେ ପ୍ରତ୍ୟକ୍ଷ ଦେବତା । ତାଙ୍କ ନିକଟରେ ଲୋକେ ଯାହା ମାନସିକ କରନ୍ତି ତାହା ପୂରଣ ହୋଇଥାଏ । ପରେ ମାନସିକ କରିଥିବା ସାମଗ୍ରୀ ପୁଣି ପାତ୍ର ବୁଢ଼ାଙ୍କୁ ଆଣି ଭେଟି ଚଢ଼ାଇଥାନ୍ତି।


ପାତ୍ରବୁଢ଼ା ନିକଟରେ ପୂଜାର୍ଚ୍ଚନା କରାଯାଉଛି ।

ହେଲେ ୩ ବର୍ଷରେ ଥରେ ମାତ୍ର ପୂଜା ପାଆନ୍ତି ଏହି ପାତ୍ର ବୁଢ଼ା ଦେବତା । ବ୍ଲକର ଚିକାମ୍ବ, ଡକାମରା, ମାଙ୍କଡ଼ମୁଣ୍ଡି, ବନାସିଲ, ଫଟକିଜାମ୍ ଏବଂ ଉପର ଗଦଳା ଆଦି ୬ଟି ଗାଁର ଲୋକେ ଏହାକୁ ପୂଜାର୍ଚ୍ଚନା କରିଥାନ୍ତି । ପ୍ରତ୍ୟେକ ଗାଁରେ ଏହି ଯାତ୍ରା ହେଲେ ପ୍ରାୟ ୩୦ଖଣ୍ଡ ଗାଁର ଲୋକେ ଏଠାକୁ ଆସିଥାନ୍ତି ଏବଂ ମାନସିକ କରିଥାନ୍ତି । ପ୍ରଥମେ ବନାସିଲ ଗାଁର ପୂଜକ ଶର ମୁଦୁଲି ଠାକୁରଙ୍କୁ ପୂଜା କରିଥାନ୍ତି । ଘୁଷୁରିମାଳି ସମତଳଠାରୁ ଗୁମ୍ଫାଟି ପ୍ରାୟ ୨୦୦ ମିଟର ଦୂର ହେବ । ୩ ବର୍ଷ ପୂର୍ବରୁ ଯାହା ଲୋକେ ମାନସିକ କରିଥାନ୍ତି ତାହା ପୂରଣ ହେଲେ ଏହି ଯାତ୍ରାରେ ଆଣି ଭୋଗ ଆକାରରେ ନଡ଼ିଆ, ଧୂପ, ଦୀପ, କୁକୁଡା, ପାରା, ଚେଳିମାନ ପ୍ରଦାନ କରିଥାନ୍ତି ।

## ବଡଭାଇକୁ ଛୁରି ଭୁସି ସାନଭାଇ ଗିରଫ

ଜୟପୁର,୨୯।୭(ଡି.ଏନ.ଏ)

କୋରାପୁଟ ଜିଲା ଜୟପୁର ସଦରଥାନା ପୁଟ୍ରା ଗ୍ରାମରେ ଗତ ଗୁରବାର ବଡଭାଇକୁ ଛୁରି ଭୁଶି ହତ୍ୟା ଉଦ୍ୟମ ମାମଲାରେ ସାନଭାଇଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ନକୁଳ ଗାଦବା (୪୩) । ଜମିବାଡି ଭାଗବଣ୍ଟାକୁ ନେଇ ଦୁଇ ଭାଇଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା । ଏଥିରେ ସାନଭାଇ ନକୁଳ ଘରୁ ଏକ ଛୁରି ଆଣି ବଡଭାଇ ଘାସିରାମଙ୍କ ଛାତିରେ ଭୁଶି ଦେଇଥିଲେ । ତାଙ୍କୁ ଗୁରୁତର ଅବସ୍ଥାରେ କୋରାପୁଟ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଘାସିରାମଙ୍କ ପୁଅ ପଦ୍ମନ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

## ବକେୟା ଟଙ୍କା ମାଗିବାରୁ ବାପା,ପୁଅଙ୍କୁ ଆକ୍ରମଣ

ଦଶମନ୍ତପୁର,୨୯।୭(ଡ଼ି.ଏନ.ଏ)

ଦଶମନ୍ତପୁର ବ୍ଲକ ମୁର୍କାର ପଞ୍ଚାୟତ କୁନ୍ତେଶ ଗ୍ରାମରେ ବକେୟା ଟଙ୍କା ମାଗିବାରୁ ବାପା ପୁଅଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି । ସେମାନଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେମାନେ ହେଲେ ଅର୍ଜୁନ ଖରା ଓ ତାଙ୍କ ପୁଅ ଇସ୍ମାଇଲ ଖରା । ଅର୍ଜୁନ ୩ ବର୍ଷ ପୂର୍ବେ ମାଳିଚେମା ଗ୍ରାମର ନବଘନ ଗୌଡ଼ଙ୍କୁ ଏକ ଠିକାକାମ ମିଶି କରିବା ନେଇ ୨ ଲକ୍ଷ ୫୦ ହଜାର ଟଙ୍କା ଦେଇଥିଲେ । ବାରମ୍ବାର ଟଙ୍କା ମାଗିଲେ ମଧ୍ୟ ସେ ଦେଉ ନ ଥିଲେ । ସୋମବାର ପୁଣି ଟଙ୍କା ମାଗିବାରୁ ନବଘନ ଓ ତାଙ୍କ

## ରୋଗୀଙ୍କୁ ଭରା ନଦୀ ପାର କଲେ ଗ୍ରାମବାସୀ


ରୋଗୀଙ୍କୁ ନଦୀ ପାର କରାଯାଉଛି ।

କୋରାପୁଟ/ନାରାୟଣପାଟଣା, ୨୯।୭(ସ୍ୱ.ପ୍ର/ଡିଏନଏ)

ଗ୍ରାମକୁ ରାସ୍ତାର ସୁବିଧା ନ ଥିବାରୁ ସୋମବାର ଜଣେ ରୋଗୀଙ୍କୁ ଭରା ଝଞ୍ଜାବତୀ ନଦୀ ପାରକରି ସଦର ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ଏପରି ବିପଦପୂର୍ଣ୍ଣ ଭାବେ ଲୋକେ ପାର ହେଉଥିଲେ ମଧ୍ୟ ପ୍ରଶାସନର ଦୃଷ୍ଟି ପଡୁନାହିଁ । ଏହି ସମସ୍ୟା ନେଇ ବାରମ୍ବାର ଜଣାଇଲେ ମଧ୍ୟ କେହି ସେମାନଙ୍କ କଥା ଶୁଣୁ ନ ଥିବା ଗ୍ରାମବାସୀ କହିଛନ୍ତି।

ନାରାୟଣପାଟଣା ବ୍ଲକ ସଦର ପଞ୍ଚାୟତ କାରିକଣା ଗ୍ରାମର ନେରେକିଆ ଲିଙ୍ଗା(୪୦)ଙ୍କର ରବିବାର ରାତିରେ ଝାଡ଼ାବାନ୍ତି ଆରମ୍ଭ ହୋଇଥିଲା । ସୋମବାର ସକାଳେ ସେ ଅଧିକ ଗୁରୁତର ହୋଇପଡ଼ିଥିଲେ । ଗ୍ରାମର ମୁଖିଆ ଦାଡିଆ ବୁଢାଙ୍କ ପରାମର୍ଶକ୍ରମେ ଗ୍ରାମର ମେରଚିଆ ରେଲି, ମେରଚିଆ ଟିଟୁ ,ଜଗନ୍ନାଥ କୁନ୍ଦରିଆ, ତ୍ରିନାଥ କୁନ୍ଦରିଆ ପ୍ରମୁଖ ଗ୍ରାମବାସୀ ତାଙ୍କୁ କାନ୍ଧେଇ ବର୍ଷାରେ ଜଳ ପୂର୍ଣ୍ଣ ଝଞ୍ଜାବତୀ ନଦୀ ପାର କରିଥିଲେ । ପରେ ସେଠାରୁ ପ୍ରାୟ ଅଢେଇ କିମି ଭାର କରି ନାରାୟଣପାଟଣା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ବର୍ତ୍ତମାନ ନେରେକିଆଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଭଲ ଅଛି।

ନାରାୟଣପାଟଣା ବ୍ଲକରୁ ୪ କିମି ଦୂରରେ ରହିଛି କାରିକଣା ଗ୍ରାମ । କିନ୍ତୁ ଏହି ଗ୍ରାମକୁ ଯିବାକୁ ହେଲେ ଝଞ୍ଜାବତୀ ନଦୀ ପାର ହେବାକୁ ପଡ଼େ । ଗ୍ରାମରେ ବିଦ୍ୟାଳୟ ରହିଛି ସତ । ହେଲେ ଏହି ନଦୀ ଯୋଗୁ ଶିକ୍ଷକ ଆସୁ ନ ଥିବା ଗ୍ରାମର ମେଚିଆ ଟିଙ୍କୁ ପ୍ରକାଶ କରିଛନ୍ତି । ସବୁବେଳେ ରୋଗୀକୁ ଗ୍ରାମବାସୀ ଭାର ସାହାଯ୍ୟରେ ଏହି ନଦୀ ପାର କରି ହସପିଟାଲ ନେଇଥାନ୍ତି । ଏହି ଗ୍ରାମକୁ ଯିବାକୁ ହେଲେ ନାରାୟଣପାଟଣାର ପାଲାପୁଟ ଯାଇ ସେଠାରୁ ବୁଲି କରି ପ୍ରାୟ ୧୪ କିମି ଅତିକ୍ରମ କଲେ ଏଠାରେ ପହଞ୍ଚି ହେବ । କିନ୍ତୁ ଏହି ରାସ୍ତାରେ ଆମ୍ବୁଲାନ୍ସ ଯିବା ସମ୍ଭବ ହେଉ ନ ଥିବାରୁ ସରକାରଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ସୁବିଧାରୁ ଲୋକେ ବଞ୍ଚିତ ହୋଇଥାନ୍ତି। ଏପରିକି କାରକଣା ଗୋଟିଏ ଗ୍ରାମ ନୁହେଁ,ଏପରି ନାରାୟଣପାଟଣା ସଦର ପଞ୍ଚାୟତର ମାଙ୍କଡଖୋଲା, ନାରିଖିଲୁଆ, ଭିତର ଖିଲୁଆ , କେନ୍ଦୁଗୁଡା, ପାତ୍ରପଡା ଆଦି ବହୁ ଗ୍ରାମ ନାରାୟଣପାଟଣା ସଦର ମହକୁମାରେ ଥାଇ ମଧ୍ୟ ଗ୍ରାମବାସୀ ଅପହଞ୍ଚ ରହିଥିବା ଜଣାଯାଇଛି । ଗ୍ରାମର ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ ସେବା ଆଦି ଉପରେ ରାଜ୍ୟ ସରକାର କାହିଁକି ଚିନ୍ତା କରୁନାହାନ୍ତି ବୋଲି କାରିକଣା ଗ୍ରାମର ମୁଖିଆ ଦାଡିଆ ବୁଢା ପ୍ରକାଶ କରିଛନ୍ତି।


ପୋଟେରୁ ନଦୀ ସେତୁ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି ।


କାଲିମେଳା ପଡିଆ କନ୍ୟାଶ୍ରମ ରାସ୍ତାରେ ବନ୍ୟାଜଳ ।


କାଙ୍ଗୁରୁକୋଣ୍ଡା-କାଲିମେଳା ଜାତୀୟ ରାଜପଥରେ ବନ୍ୟାଜଳ ।


ପୋଟେରୁ ରାସ୍ତାରେ ବନ୍ୟାଜଳ ।

### ■ ବନ୍ୟା ଘେରରେ କାଲିମେଳା ବ୍ଲକ

# କାଲିମେଳା-ପଡିଆ ବାହ୍ୟଜଗତରୁ ବିଚ୍ଛିନ୍ନ

କାଲିମେଳା,୨୯।୭(ଡି.ଏନ.ଏ)

ଲଘୁଚାପ ଯୋଗୁ ଗତ ୫ ଦିନ ହେଲା କାଲିମେଳା ଅଞ୍ଚଳରେ ଲଗାଣ ବର୍ଷା ଜାରି ରହିଛି । ଫଳରେ କାଲିମେଳା ବ୍ଲକର ବିଭିନ୍ନ ତଳିଆ ଅଞ୍ଚଳ ଏବଂ ରାସ୍ତା ଉପରେ ବନ୍ୟା ପରିସ୍ଥିତି ଉପୁଜିଛି। ଜିଲା ସଦର ମହକୁମାଠାରୁ କାଲିମେଳା ଏବଂ ପଡିଆ ବ୍ଲକ ଏକ ପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼ିଛି। କାଲିମେଳାରେ ଜୁଲାଇ ୨୭ ଓ ୨୮ରେ ୧୫୦ ମିମି ବର୍ଷା ହୋଇଥିବା ରେକର୍ଡ଼ କରାଯାଇଛି। ସୋମବାର ମଧ୍ୟ କାଲିମେଳା ଅଞ୍ଚଳରେ ବର୍ଷା ଜାରି ରହିଛି। ଫଳରେ ମାଲକାନଗିରିକୁ ଯୋଗାଯୋଗ କରୁଥିବା କାଙ୍ଗୁରୁକୋଣ୍ଡା, ପୋଟେରୁ ଓ କନ୍ୟାଶ୍ରମ ପୋଲ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହିସବୁ ପୋଲ ଉପରେ ପ୍ରାୟ ୪ଫୁଟରୁ ଅଧିକ ବନ୍ୟାଜଳ ପ୍ରବାହିତ ହେବାରୁ ମାଲକାନଗିରି-କାଲିମେଳା ଓ ମାଲକାନଗିରି-ପଡ଼ିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ରବିବାର କାଙ୍ଗୁରୁକୋଣ୍ଡା ପୋଲ ଉପରେ ୪ଫୁଟ ବନ୍ୟାଜଳ ପ୍ରବାହିତ ହୋଇଥିବାବେଳେ ସୋମବାର ସକାଳେ ପୋଟେରୁ,କାଲିମେଳା ଓ ପଡ଼ିଆ ରାସ୍ତାରେ ଥିବା କନ୍ୟାଶ୍ରମ ପୋଲ ଉପରେ ୪ଫୁଟରୁ ଅଧିକ ବନ୍ୟାଜଳ ପ୍ରବାହିତ ହେଉଛି। ଫଳରେ କାଲିମେଳାରୁ ପଡ଼ିଆକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି। ବନ୍ୟାପାଣି ଯୋଗୁ ଉଭୟପଟେ ବହୁ ଗାଡ଼ିମୋଟର ଅଟକି ରହିଛି। ଗନ୍ତବ୍ୟସ୍ଥଳକୁ ଯାଇ ନ ପାରି ଲୋକମାନେ ମଧ୍ୟ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଛି। ପୋଲ ଉପରେ ଧୀରେ ଧୀରେ ବନ୍ୟାଜଳ ବୃଦ୍ଧି ପାଉଥିବାବେଳେ ଏହି ସମୟରେ ବିପଦପୂର୍ଣ୍ଣ ଭାବରେ ଅନେକ ଲୋକ ପୋଲ ପାର ହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ତେବେ ଏହି ସମୟରେ କାଲିମେଳାରୁ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଲୋକମାନଙ୍କୁ ପୋଲ ପାର କରେଇ ଦେଇଥିଲେ। ଏବେ ମଧ୍ୟ କାଲିମେଳା ବ୍ଲକର କାଙ୍ଗୁରୁକୋଣ୍ଡା, ବଦଲି, କଇମେଟଲା, ଭେଙ୍କଟାପଲମ ଓ କାଲିମେଳାର କେତେକ ପଞ୍ଚାୟତର ତଳିଆ ଗ୍ରାମଗୁଡିକ ପାଣି ଘେରରେ ରହିଛି। ଚାଷ ଜମିରେ ପାଣିର ସୁଅ ଚାଲିଛି । ଅନ୍ୟପକ୍ଷରେ ସୋମବାର ଶ୍ରାବଣମାସ ଦ୍ୱିତୀୟ ସୋମବାର ହୋଇବାରୁ ଶତାଧିକ କାଉଡିଆ ପାଣି ନେଇ ଆସୁଥିବା ବେଳେ ବନ୍ୟାପାଣି ଯୋଗୁ ସେମାନେ ଅଟକି ରହିଥିଲେ । ପାଟେରୁ ନଦୀରୁ ଜଳ ଆଣି ଏମଭି-୬୬, ଏମଭି-୯୦, ଏମଭି-୯୬ରେ ଥିବା ଶୈବପୀଠରେ ଜଳାଭିଷେକ କରିବାକୁ ଯାଉଥିବା କାଉଡିଆମାନେ କାଙ୍ଗୁରକୋଣ୍ଡା ପୋଲ ପାର ହୋଇ ନ ପାରି ସେହି ପୋଲ ନିକଟରୁ ଜଳ ସଂଗ୍ରହ କରି ଶୈବପୀଠକୁ ଆସିଥିଲେ। ସେହିପରି କନ୍ୟାଶ୍ରମ ନଦୀରୁ ଜଳ ସଂଗ୍ରହ କରିବାକୁ ଯାଇଥିବା କେତେକ କାଉଡ଼ିଆ ମଧ୍ୟ ପୋଲ ଉପରେ ଚାଲିଥିବା ବନ୍ୟାଜଳ ସଂଗ୍ରହ କରି ଜଳାଭିଷେକ ପାଇଁ ନେଇଥିଲେ। ରାସ୍ତାଘାଟ ବନ୍ୟା ଜଳରେ ବୁଡ଼ି ରହିଥିବାରୁ ଶିକ୍ଷକ, ସରକାରୀ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟାଳୟକୁ ଯାଇପାରିନାହାନ୍ତି। ତେବେ ବ୍ଲକ ପ୍ରସାଶନ ପକ୍ଷରୁ ଏନେଇ କଣ୍ଟ୍ରୋଲ ରୁମ ଖୋଲାଯାଇଛି । ବିଡିଓ ଉମା ଶଙ୍କର ଦଳାଇ ବନ୍ୟା ଅଞ୍ଚଳ ବୁଲି ଦେଖିବା ସହ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ତେବେ ସନ୍ଧ୍ୟା ବେଳକୁ ପୋଲ ଉପରେ ପାଣି ସ୍ତର କିଛି ମାତ୍ରାରେ କମିଥିବା ଜଣାପଡିଛି।


କାଉଡିଆମାନେ ଜଳାଭିଷେକ ପାଇଁ ଯାଉଛନ୍ତି ।

■ପୋଲ ଉପରେ ଚାଲିଛି ପାଣି
■ବହୁ ଗ୍ରାମ ପାଣି ଘେରରେ
■ପରିସ୍ଥିତି ଅନୁଧ୍ୟାନ କଲେ ବିଡିଓ
■ବନ୍ୟାଜଳ ସଂଗ୍ରହ କରି ଜଳାଭିଷେକ ପାଇଁ ନେଲେ କାଉଡିଆ

### ■ ଶ୍ରାବଣ ଦ୍ୱିତୀୟ ସୋମବାର

# ୩ଶହରୁ ଊର୍ଦ୍ଧ୍ୱ କାଉଡିଆଙ୍କ ଜଳାଭିଷେକ

ବାଲିମେଳା, ୨୯।୭(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦର ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ କୁନି କାଉଡିଆ ବାଲିମେଳା ଛକସ୍ଥିତ ଶ୍ରୀଶ୍ରୀ ରାଜଲିଙ୍ଗେଶ୍ୱର ମନ୍ଦିରରେ ଜଳାଭିଷେକ କରିଛନ୍ତି । ସୋମବାର ବଡି ଭୋର ସମୟରେ ସମସ୍ତ କାଉଡିଆ ନିକଟସ୍ଥ ଚିତାପାରି ନଦୀରୁ ଜଳ ସଂଗ୍ରହ କରି ଜଳାଭିଷେକ ପାଇଁ ବାହାରିଥିଲେ। ସକାଳ ୫ଟା ରେ କୁନି ପିଲାମାନେ ନିକଟସ୍ଥ ନଦୀ ପାଖରେ ବାଲୁକା ପୂଜା, ହୋମଯଜ୍ଞ ଓ ପୂଜାର୍ଚ୍ଚନା ପରେ ସମସ୍ତେ ନିଜ ନିଜର ଗେରୁଆ ବସ୍ତ୍ର ପରିଧାନ କରି କାଉଡି ପୂଜା କରିଥିଲେ। ସକାଳ ୮ଟାରେ ଜଳାଶ୍ରୟରୁ ଜଳ ଉଠାଇ ଏଠାରୁ ପ୍ରାୟ ୫ କିମି ଚାଲି ଚାଲି ଯାଇ ପ୍ରାୟ ଦିନ ୧୨ଟା ସମୟରେ ଜଳାଭିଷେକ କରିଥିଲେ। ବଜାରକମିଟି ତରଫରୁ ଚିତ୍ରକୋଣ୍ଡା ଛକଠାରେ କୁନି କାଉଡିଆମାନଙ୍କ ପାଇଁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ପ୍ରତିବର୍ଷ ଏହି ୨ୟ ସୋମବାରଦିନ ଏହି କୁନି କାଉଡିଆମାନେ ବାଲିମେଳାଛକ ରାଜଲିଙ୍ଗେଶ୍ୱର ଓ କେତେକ କଣ୍ଡେଲସ୍ଥିତ ଶିବମନ୍ଦିରରେ ଜଳାଭିଷେକ କରିଥାନ୍ତି । ଏହି କାଉଡିଆମାନଙ୍କ ସହ ବଜାର କମିଟିର ସମସ୍ତ ସଦସ୍ୟ ଓ ଅଭିଭାବକମାନେ ମଧ୍ୟ ଏହି ଯାତ୍ରାରେ ଭାଗ ନେଇଥାନ୍ତି ।


କୁନି କାଉଡିଆମାନେ ଜଳାଭିଷେକ ପାଇଁ ଯାଉଛନ୍ତି ।

# ୬୦ ଚାରା ଲଗାଇଲେ ଛାତ୍ରୀଛାତ୍ର

ଏମଭି ୭୯,୨୯।୭(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଳା ବ୍ଲକ ଅନ୍ତର୍ଗତ ଏମଭି- ୭୯ ତଣ୍ଡାବାଇ ପଞ୍ଚାୟତ ଅଧୀନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସବୁଜ ଦିବସ ପାଳନ ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅଁଳା, ଚାକୁଣ୍ଡା, ଆମ୍ବ, ଶାଗୁଆନ, ନିମ୍ବ, ବେଲ, କୃଷ୍ଣଚୂଡା, କଦମ୍ବ ଆଦି ୬୦ ଚାରା ଛାତ୍ରୀଛାତ୍ରମାନେ ରୋପଣ କରିଥିଲେ। ଏହି ଅବସରରେ ବୃକ୍ଷର ଉପକାରିତା ନେଇ ଏକ ପ୍ରତିଯୋଗିତା ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଗୁରୁମାଗୁରୁଜୀ ରଜନୀକାନ୍ତ ନାୟକ, ପ୍ରଶାନ୍ତ ବିଶ୍ୱାସ, ଆଲୋକ ମାଲି, ରବି ଶଙ୍କର ବାରିକ, ଅଶୋକ ବୈଷ୍ଣବ, ବିବେକାନନ୍ଦ ନାଥ, ଅପର୍ଣ୍ଣା ମଣ୍ଡଳ, ସବିତା ନାୟକ, ଚନ୍ଦ୍ରା ମଣ୍ଡଳ, ତପତି ଢାଲି,ପଦ୍ମିନୀ ନାୟକ,ରଶ୍ମି ମଙ୍ଗରାଜଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟ ରଜନୀକାନ୍ତ ନାୟକ ଛାତ୍ରୀ ଛାତ୍ରଙ୍କୁ ବୃକ୍ଷ ରୋପଣର ମହତ୍ତ୍ୱ ସମ୍ପର୍କରେ ବୁଝାଇଥିଲେ।


ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରୁଛନ୍ତି ।

# ଅସୁସ୍ଥ ଛାତ୍ରଙ୍କୁ ଡାକ୍ତରଖାନାରେ ଛାଡି ଚାଲି ଆସିଲେ ପ୍ରଧାନଶିକ୍ଷକ

କୋରୁକୋଣ୍ଡା,୨୯।୭ ( ଡ଼ି.ଏନ. ଏ.)

ଅନୁସୂଚିତ ଜାତି ଓ ଜନଜାତି ବର୍ଗର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନାରେ ଅର୍ଥ ଖର୍ଚ୍ଚ କରୁଛନ୍ତି। ମାତ୍ର ବିଭିନ୍ନ ସମୟରେ କର୍ମଚାରୀମାନଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ଲୋକେ ସୁଫଳ ପାଉନାହାନ୍ତି। ଏହାର ଏକ ଉଦାହରଣ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ପୋଟ୍ରେଲ ଆଶ୍ରମ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସୋମବାର ସକାଳ ପ୍ରାୟ ୧୦ଟାରେ ଏହି ଆଶ୍ରମ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ରାଜେନ୍ଦ୍ର ହନ୍ତାଳ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସୁଦେବ ମାଝି ଓ ରାଜେନ୍ଦ୍ରଙ୍କ ସହପାଠୀ ଲକ୍ଷ୍ମଣ ଖରା କରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ରାଜେନ୍ଦ୍ରଙ୍କୁ ଝାଡାବାନ୍ତି ହୋଇଥିବା କହିଥିଲେ। ପରେ ତାଙ୍କୁ ଡାକ୍ତରଖାନାରେ ରହିବାକୁ ପଡିଥିଲା। ସେଠାରେ ପ୍ରଧାନଶିକ୍ଷକ କିଛି ସମୟ ରହି ଲକ୍ଷ୍ମଣଙ୍କୁ ରାଜେନ୍ଦ୍ରଙ୍କ ବେଡ୍ ନିକଟରେ ଜଗାଇ ଦେଇ ସାଢେ ୧୧ଟାରେ ବିଦ୍ୟାଳୟକୁ ଚାଲିଯାଇଥିଲେ। ବିଦ୍ୟାଳୟରେ ଅନ୍ୟ ଶିକ୍ଷକ ଏବଂ କର୍ମଚାରୀମାନେ ଥିଲେ ମଧ୍ୟ ଲକ୍ଷ୍ମଣଙ୍କୁ ସେଠାରେ ଜଗାଇବା କେତେ ଦୂର ଠିକ୍ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ପ୍ରଧାନଶିକ୍ଷକଙ୍କ ସହିତ ଯୋଗାଯୋଗ କରିବାରୁ ସେ ଲକ୍ଷ୍ମଣଙ୍କୁ କିଛି ସମୟ ସେଠାରେ ରହିବା ପାଇଁ କହି ଖାଇବା ଆଣିବା ପାଇଁ ବିଦ୍ୟାଳୟକୁ ଯାଇଥିଲେ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ(ଡବ୍ଲ୍ୟୁଇଓ) ପ୍ରଶାନ୍ତ କୁମାର ବାଉରୀଙ୍କୁ ପଚାରିବାରୁ ସେ କହିଲେ ଯେ, ପ୍ରଧାନଶିକ୍ଷକ ମାଝି ଖାଇବା ଆଣିବା ପାଇଁ ବିଦ୍ୟାଳୟକୁ ଯିବାରୁ ସେ କିଛି ସମୟ ପାଇଁ ଲକ୍ଷ୍ମଣଙ୍କୁ ସେଠାରେ ଛାଡି ଆସିଥିଲେ।



ଚିକିତ୍ସାଧୀନ ଛାତ୍ରଙ୍କୁ ଜଗିଛନ୍ତି ସହପାଠୀ ।

### ■ ବିଶ୍ୱ ବ୍ୟାଘ୍ର ଦିବସ ପାଳିତ

# ବନ୍ୟଜନ୍ତୁଙ୍କ ସଂରକ୍ଷଣ,ସୁରକ୍ଷା ନେଇ ସଚେତନତା ଲୋଡା

ମାଲକାନଗିରି,୨୯।୭(ଡି.ଏନ୍.ଏ.)

ମାଲକାନଗିରି ଜିଲା ବନଖଣ୍ଡ ପକ୍ଷରୁ ସୋମବାର ବିଶ୍ୱ ବ୍ୟାଘ୍ରଦିବସ ପାଳିତ ହୋଇ ଯାଇଛି। ଜିଲା ସଦର ମହକୁମାସ୍ଥିତ ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଡିଏଫ୍ଓ ପ୍ରଦୀପ ଦେବୀଦାସ ମିରାସେଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂର କ୍ଷକ ଶ୍ରୀକାନ୍ତ ନାୟକ ଓ ଜଗଦ୍ଧିଶ ପଟ୍ଟନାୟକ ଯୋଗ ଦେଇ ଏହି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ବିଶେଷ କରି ମାଲକାନଗିରି ଜିଲା ଏକ ଜଙ୍ଗଲ ବହୁଳ ଅଞ୍ଚଳ। ପୂର୍ବରୁ ନିଳକାମେ୍ୱରୁ, ଚିତ୍ରକୋଣ୍ଡା, ଗୋଇ ପର୍ବତ, ମୁନୁସକୋଣ୍ଡା ଆଦି ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବାଘ ଦେଖିବାକୁ ମିଳୁଥିଲା। ୧୯୬୨ରେ ଦଣ୍ଡକାରଣ୍ୟ ପ୍ରକଳ୍ପ କାର୍ଯ୍ୟକାରୀ ହେବା ଦ୍ୱାରା ୮୦ ହଜାର ହେକ୍ଟର ଘଞ୍ଚ ଜଙ୍ଗଲ ନଷ୍ଟ କରାଯାଇ ବଙ୍ଗୀୟ ଶରଣାର୍ଥୀଙ୍କୁ ଥଇଥାନ, ବାଲିମେଳା ବୃହତ ଜଳଭଣ୍ଡାର, ସତୀଗୁଡା ମଧ୍ୟମ ଜଳଭଣ୍ଡାର ହେବାରୁ ଜଙ୍ଗଲ କ୍ଷୟ ହୋଇଥିଲା। ଫଳରେ ମାଲକାନଗିରି ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ବାଘ ସଂଖ୍ୟା ହ୍ରାସ ପାଇଥିଲା। ଏହି ସବୁ ଅଞ୍ଚଳରେ ଖାଦ୍ୟ ଅଭାବ ଦେଖାଦେବାରୁ ବାଘ ପଡୋଶୀ ଆନ୍ଧ୍ର ଓ ଛତିଶଗଡ ଜଙ୍ଗଲକୁ ପଳାଇଥିବା ନଜିର ରହିଛି ବୋଲି ଅତିଥିମାନେ କହିଥିଲେ। ଏବେ ମାଲକାନଗିରିରେ ବାଘ ନ ଥିବା ସରକାରୀ ଆକଳନରୁ ଜଣା ପଡିଥିଲେ ମଧ୍ୟ ଅନେକ ସମୟରେ ଗ୍ରାମବାସୀ ଜିଲାରେ କଲରା ପତରିଆ, ହେଟାବାଘ ଆଦି ଦେଖିବାକୁ ପାଉଛନ୍ତି । ବୈଠକରେ ମାଲକାନଗିରି ଜିଲାରେ କିପରି ବାଘ ସଂରକ୍ଷଣ ଓ ବାଘ ସଂଖ୍ୟା ବୃଦ୍ଧି କରାଯାଇ ସେମାନଙ୍କ ସଂରକ୍ଷଣ ଓ ସୁରକ୍ଷା ଦେଇହେବ ସେ ନେଇ ପଦାଧିକାରୀମାନେ ଚିନ୍ତା ପ୍ରକଟ କରିଥିଲେ। ବନାଞ୍ଚଳରେ ରହୁଥିବା ଗ୍ରାମବାସୀଙ୍କ ସହ ସମ୍ପର୍କ ରଖି ବନ୍ୟଜନ୍ତୁଙ୍କ ସଂରକ୍ଷଣ ଓ ସୁରକ୍ଷା ନେଇ ଜନ ସଚେତନତା ସୃଷ୍ଟି କରିବା ପାଇଁ ଡିଏଫ୍ଓ ମିରାସେ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ମୋଟୁ, କାଲିମେଳା, ବାଲିମେଳା, ଚିତ୍ରକୋଣ୍ଡା, ମାଥିଲି, ବନାଞ୍ଚଳ ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ ପରିଚାଳନା କରିଥିଲେ। ବାଲିମେଳା ବନାଞ୍ଚଳ ଅଧିକାରୀ ସୁଶାନ୍ତ ଦଳେଇ ଧନ୍ୟବାଦ ଦେଇଥିଲେ।


ବିଶ୍ୱ ବ୍ୟାଘ୍ରଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ଜୁଲାଇ ୩୦ /୨୦୧୯ Rayagada, Tuesday, July 30/ 2019



ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନା ଯିବା ରାସ୍ତାରେ ବର୍ଷାଜଳ ।



ନବରଙ୍ଗପୁର କୋର୍ଟ ଯିବା ରାସ୍ତାରେ ବର୍ଷାଜଳ ପ୍ରବାହିତ ହୋଇ ଘାଇ ସୃଷ୍ଟି ହୋଇଛି।



ନବରଙ୍ଗପୁର ମଦର ଡ୍ରେନ ନିକଟରେ ଗଢିଉଠିଥିବା କଲୋନୀବାସିନ୍ଦା ଜଳବନ୍ଦୀ ।

# କୋଷାଗୁମୁଡା ବ୍ଲକର ୮ ଗାଁ ଜଳବନ୍ଦୀ

- ନବରଙ୍ଗପୁର ସହରର ବିଭିନ୍ନ ରାସ୍ତା ଉପରେ ୩ ଫୁଟର ପାଣି
- ସହରର କଲୋନୀବାସୀ ଜଳଘେରରେ

ନବରଙ୍ଗପୁର,୨୯।୭(ବି.ପ୍ର.)

ନବରଙ୍ଗପୁର ଜିଲାରେ ଲଗାଣ ବର୍ଷା ଯୋଗୁ ରାସ୍ତା ଉପରେ ବର୍ଷା ଜଳ ପ୍ରଭାବିତ ହେବା ସହ ବହୁ ଗ୍ରାମ ଜଳବନ୍ଦୀ ହୋଇଛି। ବର୍ଷା ପ୍ରଭାବରେ ନଦୀ ଗର୍ଭ ଫୁଲିଉଠିଛି । ଇନ୍ଦ୍ରାବତୀ, ଅଙ୍ଗୀ, ଟୁରୀ, ଗୁଣିଥାଟ, ଚକିଲି ଓ ଭାସ୍କେଲ ନଦୀ ପାଣି ଇନ୍ଦ୍ରାବତୀ ନଦୀରେ ସଂଯୋଗ ହୋଇ ଆସୁଥିବାରୁ ତଳ ମୁଣ୍ଡରେ ନଦୀ ଗର୍ଭ ଅଧିକ ଫୁଲି ଉଠିଛି। କୋଷାଗୁମୁଡା ବ୍ଲକର ୪ଟି ପଞ୍ଚାୟତର ୮ଟି ଗାଁ ଜଳବନ୍ଦୀ ହୋଇ ରହିଛି । ଚିର୍ମା ପଞ୍ଚାୟତର ପଡେଇଗୁଡା, ଜାଗନିଗୁଡା, ଭଙ୍ଗାଗୁଡା, ଦୁଗଲାହାଣ୍ଡି, ଖଣ୍ଡିବାଘଦରୀ, ସାନଆମ୍ବଡା ପଞ୍ଚାୟତର ଗୁଡ୍ରିଗୁଡା, କୁକୁଡି ସେମଳା ପଞ୍ଚାୟତର କଣ୍ଟାସାରୁଗୁଡା, ଉକିଆ ପାଲି ପଞ୍ଚାୟତର ଘାଟବାସୁଲି ଆଦି ଗାଁ ଜଳବନ୍ଦୀ ହୋଇ ରହିଛି । ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ସହରରେ ବିଭିନ୍ନ ରାସ୍ତା ଘାଟ ଓ କଲୋନୀର ଅବସ୍ଥା ବେହାଲ ହୋଇପଡିଥିଲା। ନବରଙ୍ଗପୁର ଦଶହରାପଦା ଛକରୁ ଜିଲା ସଦର ମହକୁମା ଡାକ୍ତରଖାନା ଓ ନୂଆବନ୍ଧ ସାହି ଦେଇ ଡାକ୍ତରଖାନା, କଲେଜ, କୋର୍ଟ ଆଦି ରାସ୍ତା ଉପରେ ୩ ଫୁଟ ଉଚ୍ଚର ପାଣି ପ୍ରଭାବିତ ହେଉଥିବାରୁ ଦୁଇଘଣ୍ଟା ଯାତାୟାତରେ ବାଧା ସୃଷ୍ଟି ହୋଇଥିଲା । ୨୬ ନଂ ଜାତୀୟ ରାଜପଥ କଡରେ ଥିବା ନବରଙ୍ଗପୁର ମଦର ଡ୍ରେନ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗଢିଉଠିଥିବା ନୂଆ କଲୋନୀରେ ପାଣି ଜମି ରହିଥିବାରୁ ୫ଟି ଘରର ପରିବାର ବାହାରକୁ ଆସି ପାରୁ ନାହାନ୍ତି । ସେହିଭଳି କୁଷ୍ଠ ନିରାକରଣ ଚିକିତ୍ସାଳୟ ନିକଟରେ ନବରଙ୍ଗପୁର ଲ୍ୟାମ୍ପର ଏକ ଗଛ ଉପୁଡି ପଡିବା ସହ ପାଚେରୀ ଭାଙ୍ଗି ଯାଇଛି । ନିକଟରେ ଥିବା କିଛି ଘରର ବିଦ୍ୟୁତ ତାର ଛିଣ୍ଡି ଯାଇଛି। ରାସ୍ତା ଉପରେ ଗଛ ପଡି ରହିଛି । ନବରଙ୍ଗପୁର ଜିଲାରେ ୧୦୦.୪୨ ମିମି ବର୍ଷା ହୋଇଛି । ସେଥିମଧ୍ୟରୁ ନବରଙ୍ଗପୁର ବ୍ଲକରେ ୧୮୫ ମିମି ସର୍ବାଧିକ ବର୍ଷା ହୋଇଛି । ନନ୍ଦାହାଣ୍ଡି ବ୍ଲକ ୧୫୧, ତେନ୍ତୁଳିଖୁଣ୍ଟି ୧୫୪ ମି.ମି, ଡାବୁଗାଁ ୧୧୩ ମି.ମି, ଉମରକୋଟ ୩୪.୨୦ମି.ମି, ରାଇଘର ୨୫ ମି.ମି, ଝରିଗାଁ ୩୭.୬ ମି.ମି ଓ ଚନ୍ଦାହାଣ୍ଡି ବ୍ଲକରେ ସର୍ବନିମ୍ନ ୨୦ ମିମି ବର୍ଷା ହୋଇଛି ।

## କୁରନ୍ଦୀ ନାଳ ଉପରେ ୩ ଫୁଟର ପାଣି

କୋଷାଗୁମୁଡା, ୨୯।୭(ଡି.ଏନ.ଏ)

ଲଗାଣ ବର୍ଷା ଯୋଗୁ ଫୁଲି ଉଠିଛି ନଦୀ, ନାଳ। କୋଷାଗୁମୁଡା ବ୍ଲକରେ ପ୍ରବାହିତ ହେଉଥିବା ଭାସ୍କେଲ ନଦୀ ମଧ୍ୟ ଫୁଲି ଉଠିଛି। ନଦୀ କଡରେ ଥିବା ଚିର୍ମା ପଞ୍ଚାୟତର ପଡେଇଗୁଡା, ଜାଗନୀ ଗୁଡା, ଦୁଗଲାହାଣ୍ଡି, ଖଣ୍ଡିବାଗଦରୀ, ସାନଆମ୍ବଡା ପଞ୍ଚାୟତର ଖଣ୍ଡିବାଗଦରି, ଭଙ୍ଗାଗୁଡା, ଚିର୍ମା,ଜାଶନିଗୁଡା, କେ. ସେମଳା ପଞ୍ଚାୟତର କଣ୍ଟାସରୁଗୁଡା, କେ. ସେମଳା, ଆସଙ୍ଗା, ବାମୁଣୀ ପଞ୍ଚାୟତର କେର୍ଲା, ଖଣ୍ଡିଗୁଡା, ଗୁମଣ୍ଡି, ବିଞ୍ଜିଳି ପଞ୍ଚାୟତର ଘାଟଚୁରା, ଟିକରାଚୁରା, ଅମଳାଭଟା, ଉକିଆପଲ୍ଲୀ ପଞ୍ଚାୟତର ବରିଗାଁ, ହର୍ଦୁଳି, ଦୁରାଗାଁ ଗ୍ରାମବାସୀ ବନ୍ୟା ପ୍ରଭାବିତ ହେବାରେ ଆଶଙ୍କା ରହିଛି। କୋଷାଗୁମୁଡାରୁ ଟେମରା ଯିବା ରାସ୍ତାରେ କୁରନ୍ଦୀ ନାଳ ବ୍ରିଜ ଉପରେ ୩ ଫୁଟର ଉର୍ଦ୍ଧ୍ୱ ପାଣି ପ୍ରବାହିତ ହେଉଛି। ଫଳରେ ଯାତାୟାତ ବନ୍ଦ ହୋଇଯାଇଛି। ସେପଟେ ଟେମରା, ବାଲେଙ୍ଗା,ଏମ କେରାଗାଁ, ମୋତିଗାଁ, କୋଟାଗାଁ, ବାଙ୍କୁଲି, ଆଟିଗାଁ ପଞ୍ଚାୟତର ଲୋକେ ବ୍ଲକକୁ ଆସି ପାରୁ ନାହାନ୍ତି।



କୁରନ୍ଦି ବ୍ରିଜ ଉପରେ ବର୍ଷାଜଳ ପ୍ରବାହିତ ହେଉଛି ।

## ଇନ୍ଦ୍ରାବତୀ ଜଳଭଣ୍ଡାର ଜଳପତ୍ତନ ବୃଦ୍ଧି ଜୁଲାଇ ମାସ ଟାର୍ଗେଟଠାରୁ କମ

ତେନ୍ତୁଳିଖୁଣ୍ଟି,୨୯।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଦେଓପାଲିସ୍ଥିତ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳପତ୍ତନ ତିନିଦିନ ଲଗାଣ ବର୍ଷା ଫଳରେ ବୃଦ୍ଧି ପାଇ ୬୩୨.୪୭ ମିଟରରେ ପହଞ୍ଚିଛି। ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳ ପରିଚାଳନା ନିୟମ ଆଧାରରେ ଜୁଲାଇ ମାସରେ ଜଳପତ୍ତନ ୬୩୩ ମିଟର ରହିବା ଧାର୍ଯ୍ୟ ଥିବାବେଳେ ବର୍ତ୍ତମାନ ଏହାଠାରୁ କମ୍ ରହିଛି । ଜଳଭଣ୍ଡାରର ଜଳଧାରଣ କ୍ଷମତା ୬୪୨ମିଟର ରହିଛି । ଚଳିତବର୍ଷ ଜୁଲାଇ ମାସ ସୁଦ୍ଧା ଇନ୍ଦ୍ରାବତୀ ନଦୀ ଅବବାହିକାରେ ଗତ ବର୍ଷ ଭଳି ଲଗାଣବର୍ଷା ହୋଇ ନଥିବା ଯୋଗୁ ଜଳଭଣ୍ଡାର ଜଳପତ୍ତନ କମ ରହିଛି । ଲଘୁଚାପଜନିତ ବର୍ଷା ଯୋଗୁ ଥୁଆମୁଳ ରାମପୁରଠାରେ ୧୫୨.୨ମିଲିମିଟର, ମୁରାନଠାରେ ୨୧୮ମିଲିମିଟର, ଖାତିଗୁଡାରେ ୨୬୮.୪ମିଲିମିଟର, ଦେଓପାଲି ୨୬୮.୬ମିଲିମିଟର, ତେନ୍ତୁଳିଖୁଣ୍ଟିରେ ୧୫୪.୬ମିଲିମିଟର ବର୍ଷା ହୋଇଥିବା ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ଫ୍ଲଡ ସେଲ ସୂତ୍ରରୁ ଜଣାପଡି। ବର୍ତ୍ତମାନ ଜଳଭଣ୍ଡାର ମଧ୍ୟକୁ ୧୧୦୦ ଘନମିଟର ଜଳ ପ୍ରବେଶ କରୁଥିବାବେଳେ ୪୭ଘନମିଟର ଜଳ ନିଷ୍କାସନ ହେଉଛି । ରବିବାର ୨୯୨୮ କିଲୋୱାଟ ବିଦ୍ୟୁତ୍ ଉତ୍ପାଦିତ ହୋଇଛି ।

# କାମତା ପଞ୍ଚାୟତ ଜଳବନ୍ଦୀ

- ରାସ୍ତା ଉପରେ ପାଣି ପ୍ରଭାବିତ
- ପୋଲ ଭାଙ୍ଗିଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ



ତେନ୍ତୁଳିଖୁଣ୍ଟି, ୨୯।୭(ଡି.ଏନ.ଏ.)

ନବରଙ୍ଗପୁର ଜିଲାରେ ଲଗାଣ ବର୍ଷା ଯୋଗୁ ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ଜଳବନ୍ଦୀ ହୋଇଛି । ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବା ବେଳେ କେତେ ସ୍ଥାନରେ ପୋଲ ଭାଙ୍ଗିପଡିଛି। କାମତାଠାରୁ ଅଞ୍ଚଳଗୁମ୍ମା ରାସ୍ତା ମଧ୍ୟରେ ବାଗନାଗୁଡାଠାରେ ନଦୀ ଉପରେ ଜଳ ପ୍ରବାହିତ ହେଉଛି । ଅମଳାଭଟା ପଞ୍ଚାୟତର କୃଷ୍ଣଗୁଡାଠାରେ ନଦୀ ଉପରେ ପାଣି ଚାଲିଛି। ଏଠାରେ ଥିବା ପୋଲଟି ଭାଙ୍ଗିଯାଇଛି । ଏଣୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ଏହାଦ୍ୱାରା କାମତାକୁ ତେନ୍ତୁଳିଖୁଣ୍ଟି ଓ ପାପଡାହାଣ୍ଡି ବ୍ଲକରୁ ସମ୍ପୂର୍ଣ୍ଣ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଅନ୍ୟପକ୍ଷରେ ପୂର୍ବରୁ ଓଲମା ପୋଲ ଭୁଶୁଡି ଯାଇଥିଲା । ପୋଲ ନିର୍ମାଣ ମନ୍ଥର ଗତିରେ ହେଉଥିବା ଏବଂ ଯୋଗାଯୋଗ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଗ୍ରାମବାସୀଙ୍କ ଅଭିଯୋଗ କରିବା ପରେ ମଧ୍ୟ ହୋଇପାରି ନଥିଲା । ଫଳସ୍ୱରୂପ କାମତା ଓ କଂଗ୍ରାପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡିଛି । ସେହିପରି କାମତାଠାରୁ ଅମଳାଭଟ୍ଟା ପଞ୍ଚାୟତକୁ ଯିବା ରାସ୍ତାର ବାଲୁପଟା ପୋଲ ଉପରେ ତିନିଫୁଟର ପାଣି ପ୍ରବାହିତ ହେଉଛି । ଦୁଃଖୁଗୁଡାଠାରୁ ନବରଙ୍ଗପୁର ବ୍ଲକ ବାଘସିଉନି ପଞ୍ଚାୟତର ତଣ୍ଡା ଜାମୁଗୁଡା ଯିବା ରାସ୍ତାର ଜାନିଗୁଡାଠାରେ ଜଳପ୍ରବାହିତ ହେଉଛି । ଦୁଃଖୁଗୁଡା ପୋଲ ଧୋଇ ଯାଇଥିବାବେଳେ ଝରିଗୁମ୍ମା ପଞ୍ଚାୟତର ଡେଙ୍ଗାପଦର ମଧ୍ୟରେ ଥିବା ନାଳ ବର୍ଷା ଜଳରେ ଉବୁଟୁବୁ ହେଉଛି। ଝରିଗୁମ୍ମା-ପାତ୍ରପୁଟ, ପାତ୍ରପୁଟ-ଅଞ୍ଚଳଗୁମ୍ମା ରାସ୍ତା ମଧ୍ୟ ଦେଇ ଜଳ ପ୍ରବାହିତ ହେଉଛି । ଏଣୁ କୌଣସି ଗାଡି ଚଳାଚଳ ହୋଇପାରିନି । କଂଗ୍ରା ସରପଞ୍ଚ ରମା ପୂଜାରୀ ଓ ଗ୍ରାମରୋଜଗାର ସେବକ ଓଲମା ଓ ଦୁଃଖୁଗୁଡା ପୋଲ ଦେଖି ବ୍ଲକ ପ୍ରଶାସନକୁ ବିକଳ୍ପ ବ୍ୟବସ୍ଥା ପାଇଁ ଜଣାଇବେ ବୋଲି କହିଛନ୍ତି ।

# ହଜ୍‌ଯାତ୍ରୀଙ୍କୁ ସମ୍ବର୍ଦ୍ଧନା

ଚନ୍ଦାହାଣ୍ଡ,୨୯।୭ (ଡି.ଏନ.ଏ)

ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ମୋହରା ସୁନ୍ନୀ ରଜବି ଜାମା ମସଜିଦ ଠାରେ ସୋମବାର ହଜ୍ ଯାତ୍ରା କରୁଥିବା ମହମ୍ମଦ ଇସା ଏବଂ ତାଙ୍କ ଧର୍ମପତ୍ନୀ ଯୁବେଦା ବାଇଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି । ଚଳିତ ବର୍ଷ ଉଭୟ ପବିତ୍ର ହଜ୍ ତୀର୍ଥ ନିମନ୍ତେ ମକ୍କା ଏବଂ ମଦିନା ଯାତ୍ରା କରୁଛନ୍ତି। ଏହି ଅବସରରେ ମୋହରା ମସଜିଦ୍ ପରିସରରେ ମସଜିଦ୍ କମିଟି ସଭାପତି ମହମ୍ମଦ ୟୁନୁସଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଅୟୋଜନ କରାଯାଇଥିଲା । ଏହି ଅବସରରେ ହଜ୍‌ଯାତ୍ରା କରୁଥିବା ମହମ୍ମଦ ଇସା ଏବଂ ଯୁବେଦା ବାଇଙ୍କ ହଜ୍‌ଯାତ୍ରା ସୁଗମ ହେଉ ବୋଲି ଉପସ୍ଥିତ ସମସ୍ତ ମୁସଲମାନ ଭାଇମାନେ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଏଥିସହ ତାଙ୍କ ନିଜ ଗ୍ରାମ ଦେଓବନ୍ଧ ଠାରେ ମହମ୍ମଦ ଅସପାକଙ୍କ ଆବାହକତ୍ୱରେ ଏକ ଧର୍ମ ସମ୍ମିଳନୀର ଆୟୋଜନ କରାଯାଇଥିଲା ।ଏଥିରେ ହାଇଦ୍ରାବାଦରୁ ଧର୍ମଗୁରୁ ଅହମ୍ମଦ ନକ୍ସବନ୍ଦୀ ଏବଂ ସାୟରେ ଇସଲାମ ସାଦାବ ପାଇକର ଯୋଗ ଦେଇ ପ୍ରବଚନ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହମ୍ମଦ ୟୁନୁସ ମାଲକାନି , ହାଜି ମହମ୍ମଦ ଇଲିୟାସ, ଏମଡି ଆବେସ, ହାଜି ସଲିମ ରାଠୋର , ଅବଦୁଲ ମଜିଦ, ନାସିର ସୁଫି , ମହମଦ ସାଜିଦ , ମହମ୍ମଦ ହନିଫ, ଏମଡି ରିଜଓାନ , ମହମ୍ମଦ ହୁସେନ, କୟୁମ ଅଲ୍ଲୀ, ସୁଲତାନ ଅଲ୍ଲୀ, ଅକବର ଅଲ୍ଲୀ, ସାହାଦତ ଅଲ୍ଲୀ, ମେହେବୁବ ଅଲ୍ଲୀ, ଜବାର ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।



ହଜ୍ ଯାତ୍ରା କରୁଥିବା ଦମ୍ପତିଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି ।

## ଗାଁ ମୁହାଁଇଛନ୍ତି ଭାଲୁ

ନବରଙ୍ଗପୁର,୨୯।୭(ବି.ପ୍ର.)-

ଜନପଥ ଓ ଗାଁ ମୁହାଁଇଛନ୍ତି ଭାଲୁ । ଏଥିପାଇଁ ଲୋକେ ଭୟଭୀତ ହୋଇପଡିଛନ୍ତି । ବନବିଭାଗ ଭାଲୁକୁ ଧରିବା ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ଭାଲୁ ଧରାପଡୁନାହିଁ । ତେନ୍ତୁଳିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ଅଧିନ ୨ ନମ୍ବର ୱାର୍ଡ ଦୁଃଖୁଗୁଡା ଗାଁରେ ସନ୍ଧ୍ୟାହେଲେ ଭାଲୁ ଭୟ । ଗାଁ ଲୋକେ ଭୟଭୀତ ହୋଇ ରହୁଛନ୍ତି । ସେହିଭଳି ନବରଙ୍ଗପୁର ଜମାଲ କଲୋନୀରେ ମାସେ ହେବ ଦୁଇଟି ଭାଲୁ ସନ୍ଧ୍ୟା ହେଲେ ଘୁରି ବୁଲୁଛନ୍ତି । ବନ ବିଭାଗ ପକ୍ଷରୁ ୪ଟି ଯନ୍ତା ପକାଇ ରାତିରେ ପଇଁତରା ଦେଉଛନ୍ତି । ତଥାପି ଭାଲୁକୁ କାବୁ କରାଯାଇ ପାରୁ ନାହିଁ। ଦୁଇ ମାସ ତଳେ ନନ୍ଦାହାଣ୍ଡି ବ୍ଲକ ଏକମ୍ବା ଗାଁରୁ ଗୋଟିଏ ଭାଲୁ ପଶି ଗାଁ ଲୋକଙ୍କୁ ଭୟଭୀତ କରାଉଥିଲା । ବନ ବିଭାଗ ତାହାକୁ କୌଶଳ କ୍ରମେ ଜାଲ ପକାଇ ଧରିଥିଲା । ନବରଙ୍ଗପୁର ସହରର ଆଖ ପାଖ ଅଞ୍ଚଳ ଓ ଜଙ୍ଗଲ ମୁଳକ ନିକଟସ୍ଥ ଗାଁ ମାନଙ୍କରେ ଏବେ ଭାଲୁ ଭୟ ଦେଖିବାକୁ ମିଳୁଛି।

# ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟ ବାର୍ଷିକୋତ୍ସବ

ଉମରକୋଟ,୨୯।୭(ଡି.ଏନ.ଏ)

ଉମରକୋଟ ବ୍ଲକ କଣ୍ଡାଗାଁ ରୋଡସ୍ଥିତ କଲ୍ୟାଣ ମଣ୍ଡପରେ ଉମରକୋଟ ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ୨୮ ତମ ବାର୍ଷିକ ଉତ୍ସବ ପାଳନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜଯୋଗିନୀ ବ୍ରହ୍ମକୁମାରୀ ନିଳମଜୀ, ସମ୍ମାନିତ ଅତିଥି ଜୟପୁର ପ୍ରଜାପିତା ବ୍ରହ୍ମାକୁମାରୀ ବିଦ୍ୟାଳୟ ଇନଚାର୍ଜ ବି.କେ ଜୟନ୍ତୀ, ତହସିଲଦାର ଧର୍ମରାଜ ମାଝି, ଉମରକୋଟ ବିଡିଓ ଯୁଧିଷ୍ଠିର ନାୟକ, ରାଇଘର ବିଡିଓ ଦେବୀ ପ୍ରସାଦ ଟାଲି, ଏପିଡି ରତ୍ନାକର ସାହୁ ଯୋଗ ଦେଇଥିଲେ। ସମାଜରୁ କୁସଂସ୍କାର, ଲୁଣ୍ଠନ, କୌଧ ଦୂର କରିବାକୁ ହେଲେ ସମସ୍ତଙ୍କୁ ଚରିତ୍ରବାନ ହେବାକୁ ପଡିବ। ସମାଜରେ ସମସ୍ତଙ୍କୁ ସ୍ନେହର ଏକ ଡୋରିରେ ବାନ୍ଧିବାକୁ ପଡିବ ବୋଲି ଅତିଥିମାନେ କହିଥିଲେ। ଉମରକୋଟ ଅନୁଷ୍ଠାନର ବ୍ରହ୍ମାକୁମାର ଉମେଶ ସାହୁ କାର୍ଯ୍ୟକ୍ରମର ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରାଜଯୋଗିନୀ ବ୍ରହ୍ମାକୁମାରୀ ନିଳମଜୀ ଯୋଗ ଦେବାର ୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱର୍ଣ୍ଣଜୟନ୍ତୀ ପାଳନ କରାଯାଇଥିଲା। ସେ ୧୯୬୯ ମସିହାରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ଯୋଗ ଦେଇଥିଲେ। ବର୍ତ୍ତମାନ ସେ ଅବିଭକ୍ତ କୋରାପୁଟ ଓ କଳାହାଣ୍ଡି ଜିଲାର ପ୍ରଜାପିତା ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶିକା ଭାବେ ଦାୟିତ୍ୱରେ ରହିଛନ୍ତି। ଏହି ଅବସରରେ ରାଇଘର, ଝରିଗାଁ, ଉମରକୋଟ, କୋରାପୁଟ ଜିଲାର ବ୍ରହ୍ମକୁମାରୀ ଭାଇ, ଭଉଣୀମାନେ ଯୋଗ ଦେଇଥିଲେ।





ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥିମାନେ ।

## ଭାଜପାର ସଦସ୍ୟତା ସଂଗ୍ରହ ଅଭିଯାନ

ଚନ୍ଦାହାଣ୍ଡି,୨୯।୭(ଡି.ଏନ.ଏ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଭାଜପା ସଦସ୍ୟତା ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଭାଜପା କର୍ମକର୍ତ୍ତା ମୋହରା, ଅନକାବେଡା, କୁଇଲେମୁଣ୍ଡା ପଞ୍ଚାୟତର ବିଭିନ୍ନ ଗ୍ରାମ ବୁଲି ଭାଜପର ସଦସ୍ୟତା ସଂଗ୍ରହ କରିଛନ୍ତି। ନବରଙ୍ଗପୁର ଭାଜପା ଜିଲା ସଭାପତି ଗୋବିନ୍ଦ କୁମାର ଜେନିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଏମପି ବଳଭଦ୍ର ମାଝି ଯୋଗ ଦେଇ ଭାଜପାର ସଦସ୍ୟତା କାହିଁକି ଗ୍ରହଣ କରିବେ ସେ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇଥିଲେ। ଜିଲା ପରିଷଦ ସଭ୍ୟ ଶ୍ୟାମସୁନ୍ଦର ମାଝି, ଭାଜପା ନେତା ମହେନ୍ଦ୍ର ନାୟକ, ଶୁକ୍ରୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ।





Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ -ତଥାଗତ ସତପଥୀ